ଆପଣଙ୍କ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ନଥିଲେ ପାଖ ସ୍କୁଲକୁ ଏହି ପୁସ୍ତିକାଟି ପଠାଇ ଦିଅନ୍ତୁ ।

ଓଡିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ

# ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ, ଭୁବନେଶ୍ୱର

(ଅଣୁଶକ୍ତି ବିଭାଗ, ଭାରତ ସରକାର ସମର୍ଥିତ)

ଆୟୋଜିତ

# ନବମ

# ଗ୍ରାମ୍ୟ ଗଣିତ ମେଧା ଅନ୍ୱେଷଣ ପରୀକ୍ଷା-୨୦୧୧

(ଗ୍ରାମାଞ୍ଚଳର ସରକାରୀ ଓ ସରକାର ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ)




<u>ସମ୍ପର୍କ ସ୍ଥାପନ କରନ୍ତୁ :</u>
ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ
ଅନ୍ଧାରୁଆ,ଭୁବନେଶ୍ୱର -୭୫୧ ୦୦୩

ଆପଣଙ୍କ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ନଥିଲେ ପାଖ ସ୍କୁଲକୁ ଏହି ପୁସ୍ତିକାଟି ପଠାଇ ଦିଅନ୍ତୁ ।

ପ୍ରେରକ : ପ୍ରଫେସର ସ୍ୱାଧୀନ ପଟ୍ଟନାୟକ
ନିର୍ଦ୍ଦେଶକ,
ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ,
**ଅନ୍ଧାରୁଆ,**
**ଭୁବନେଶ୍ୱର -୭୫୧୦୦୩**

ପ୍ରାପ୍ତେଷୁ : ପ୍ରଧାନ ଶିକ୍ଷୟତ୍ରୀ / ଶିକ୍ଷକ

**ଏହି ପୁସ୍ତିକାଟି ସମସ୍ତ ବିଦ୍ୟାଳୟକୁ ପଠାଇବା ସମ୍ଭବପର ନୁହେଁ । ତେଣୁ ଆପଣଙ୍କୁ ଆମର ବିଶେଷ ଅନୁରୋଧ ଗ୍ରାମ୍ୟ ଗଣିତ ମେଧା ଅନ୍ୱେଷଣ ପରୀକ୍ଷା ସମ୍ବନ୍ଧରେ ଆଖପାଖର ଅନ୍ୟାନ୍ୟ ସ୍କୁଲକୁ ଜଣାଇ ସେ ସ୍କୁଲର ଛାତ୍ରଛାତ୍ରୀମାନେ ମଧ୍ୟ ଏ ପରୀକ୍ଷାର ସୁଯୋଗ ଯେପରି ନେଇପାରିବେ ତାର ବ୍ୟବସ୍ଥା କରିବେ । ଏହା ଆମ ସମସ୍ତଙ୍କ ଏକ ସାମାଜିକ ଦାୟିତ୍ୱ । ଆଶା ଆପଣ ଯଥାସାଧ୍ୟ ଏ ବିଷୟରେ ଆମକୁ ସାହାଯ୍ୟ କରିବେ ।**

ମହାଶୟା / ମହାଶୟ,

ପ୍ରତ୍ୟେକ ବର୍ଷ ଭାରତ ବର୍ଷରୁ ୬ ଜଣ ଛାତ୍ରଛାତ୍ରୀଙ୍କୁ ଗୋଟିଏ **ଆନ୍ତର୍ଜାତୀୟ ଗଣିତ ସ୍ପର୍ଦ୍ଧାରେ (International Mathematical Olympiad)** ଯୋଗ ଦେବାକୁ ମନୋନୀତ କରାଯାଏ । ଏହାର ସମସ୍ତ ଖର୍ଚ୍ଚ ଭାରତ ସରକାରଙ୍କ ଅଣୁଶକ୍ତି ବିଭାଗ ଓ ମାନବ ସମ୍ବଳ ବିକାଶ ବିଭାଗ ବହନ କରନ୍ତି । ଏହି ଛ ଜଣ ମନୋନୀତ କରାଇବାର ଦାୟିତ୍ୱ ହେଉଛି ଅଣୁଶକ୍ତି ବିଭାଗର ଜାତୀୟ ଉଚ୍ଚତର ଗଣିତ ପରିଷଦର । ପ୍ରଥମେ ପ୍ରତ୍ୟେକ ରାଜ୍ୟରେ ଗୋଟିଏ **ଆଞ୍ଚଳିକ ଅଲିମ୍ପିଆଡ** ପରୀକ୍ଷା କରାଯାଏ । ଏହି ପରୀକ୍ଷାର ପ୍ରତ୍ୟେକ ରାଜ୍ୟର କୃତୀ ତାଲିକାର ପ୍ରଥମ ୩୦ ଜଣ **ଭାରତୀୟ ଜାତୀୟ ଗଣିତ ଅଲମ୍ପିଆଡ** ପରୀକ୍ଷା ଦେବା ପାଇଁ ଯୋଗ୍ୟ ହୁଅନ୍ତି । ଏହି ପରୀକ୍ଷାରେ ସମଗ୍ର ଦେଶରୁ ପ୍ରାୟ ୬୦୦ ଛାତ୍ର ଛାତ୍ରୀ ଯୋଗ ଦିଅନ୍ତି । ଏହି ପରୀକ୍ଷାରେ କୃତି ତାଲିକାର ପ୍ରଥମ ୩୦ ଜଣଙ୍କୁ ବଛାଯାଇ ମୁମ୍ବାଇରେ ମାସାଧିକ କାଳ ତାଲିମ୍ ଦିଆଯାଇ ସେଥିରୁ ୬ ଜଣଙ୍କୁ ଆନ୍ତର୍ଜାତୀୟ ଅଲିମ୍ପିଆଡକୁ ପଠାଯାଏ । କିନ୍ତୁ ଯେଉଁ ୩୦ ଜଣଙ୍କୁ ତାଲିମ୍ ଦିଆଯାଏ ସେମାନେ ମାସିକ ଟ.୧୨୦୦ କରି ଉଚ୍ଚ ମାଧ୍ୟମିକ ଶ୍ରେଣୀ ପରେ ୫ ବର୍ଷ ଭାରତ ସରକାରଙ୍କ ଠାରୁ ବୃତ୍ତି ପାଆନ୍ତି ।

ଏହି ଅଲିମ୍ପିଆଡ୍‌ର ପ୍ରଶ୍ନ ସାଧାରଣ ଶ୍ରେଣୀ ପରୀକ୍ଷାର ପାରମ୍ପରିକ ଗଣିତ ପ୍ରଶ୍ନ ଭଳି ନୁହେଁ । ଏଭଳି ନୂତନ ପ୍ରକାର ପ୍ରଶ୍ନର ସମ୍ମୁଖୀନ ହେବାକୁ ସମର୍ଥ ହେବା ପାଇଁ ଓଡିଶାରେ ପ୍ରାୟ ୧୫୦ ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟେକ ବର୍ଷ ଗୋଟିଏ ସ୍ଥାନରେ ତାଲିମ୍ ଦିଆଯାଏ । କିନ୍ତୁ ଏହି ତାଲିମରେ ଗ୍ରାମାଞ୍ଚଳର କ୍ୱଚିତ୍ ଜଣେ ଦୁଇଜଣ ଛାତ୍ରଛାତ୍ରୀ ଏଥିରେ ଯୋଗ ଦେବାପାଇଁ ଯୋଗ୍ୟ ବିବେଚିତ ହୋଇଥାନ୍ତି । ଗ୍ରାମାଞ୍ଚଳରେ ଛାତ୍ର ଛାତ୍ରୀଙ୍କୁ ଏଥିପାଇଁ ସମର୍ଥ କରାଇବାକୁ ଭାରତ ସରକାରଙ୍କ ଅଣୁ ଶକ୍ତି ବିଭାଗର ***ଗ୍ରାମ୍ୟ ଗଣିତ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ*** ପ୍ରତିଷ୍ଠାନ ତରଫରୁ ହାତକୁ ନିଆ ଯାଇଛି ।

ଏହି କାର୍ଯ୍ୟକ୍ରମ ଅନୁସାରେ ଗତ ଆଠ ବର୍ଷ ଧରି ପରୀକ୍ଷା ହୋଇ ଆସୁଛି । ଗତବର୍ଷ ଏଥିରେ ୭୦୦ ବିଦ୍ୟାଳୟର ୧୦୦୦୦ ଛାତ୍ରଛାତ୍ରୀ ଭାଗ ନେଇ ଥିଲେ । ସେମାନଙ୍କ ମଧ୍ୟରୁ ୨୦୩ ଜଣ ଛାତ୍ରଛାତ୍ରୀ ଓ ସେହି ସବୁ ସ୍କୁଲର ସେହି ସଂଖ୍ୟକ ଶିକ୍ଷକଙ୍କୁ ଭୁବନେଶ୍ୱରରେ ସପ୍ତାହେ ଲେଖାଏଁ ଦୁଇ ଥର ଗଣିତ ପ୍ରଶିକ୍ଷଣ ଦିଆ ଯାଇଛି । ଯିବା ଆସିବା ଠାରୁ ଖାଇବା ରହିବା ଖର୍ଚ୍ଚ ପ୍ରତିଷ୍ଠାନ ବହନ କରିଛି ।

ଓଡିଶାରେ ପ୍ରାୟ ୬୦୦୦ ହାଇସ୍କୁଲ ଓ ୧୧୦୦୦ ଏମ.ଇ. ସ୍କୁଲ ଅଛି । ସେଥିରୁ କେବଳ ୧୯୦୦ ବିଦ୍ୟାଳୟ ଗ୍ରାମ୍ୟ ଗଣିତ ମେଧା ଅନ୍ୱେଷଣ ପରୀକ୍ଷାରେ ଭାଗ ନେବା ନୈରାଶ୍ୟ ଜନକ ଅଟେ । ଆଶା ଏହି ବର୍ଷ ଅକ୍ଟୋବର ୩୦ ତାରିଖରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ପରୀକ୍ଷାରେ ପ୍ରତ୍ୟେକ ବିଦ୍ୟାଳୟରୁ ଅତି କମରେ ୧୦ ଜଣ ଛାତ୍ରଛାତ୍ରୀ ଭାଗ ନେବା ଉଚିତ୍ ।

ଏହି ପରୀକ୍ଷାରେ ଯୋଗ ଦେବା ଦ୍ୱାରା ଛାତ୍ରଛାତ୍ରୀଙ୍କର ଗଣିତ ପ୍ରତି ଆଗ୍ରହ ଜାତ ହେବ ଓ ସେମାନେ ଅନ୍ୟାନ୍ୟ ବିଷୟରେ ମଧ୍ୟ ଭଲ କରିବା ଆରମ୍ଭ କରିବେ । ଆପଣଙ୍କ ଅଞ୍ଚଳରେ ଏହାର ବହୁଳ ପ୍ରସାର ଓ ପ୍ରଚାର କରିବା ପାଇଁ ବିଶେଷ ଅନୁରୋଧ ।

ଧନ୍ୟବାଦ ସହ,

ଇତି
ଆପଣଙ୍କର ସହଯୋଗ ଆକାଂକ୍ଷୀ

**(ସ୍ୱାଧୀନ ପଟ୍ଟନାୟକ)**

# ଗ୍ରାମ୍ୟ ଗଣିତ ମେଧା ଅନ୍ୱେଷଣ ପରୀକ୍ଷା-୨୦୧୧

**୧. ସଂକ୍ଷେପରେ**

୧. ପ୍ରଥମ ପର୍ଯ୍ୟାୟ ପରୀକ୍ଷା ତାରିଖ : ୩୦.୧୦.୨୦୧୧ (ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ)

୨. ପରୀକ୍ଷାର୍ଥୀଙ୍କ ଯୋଗ୍ୟତା : ଗ୍ରାମାଞ୍ଚଳର ସରକାରୀ ଓ ସରକାର ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରେ ପଢୁଥିବା ଛାତ୍ର ଛାତ୍ରୀ ।

୩. ପରୀକ୍ଷା ଫି : ଟ ୫/-( ଅନୁସୂଚିତ ଜାତି ଓ ଉପଜାତି ଛାତ୍ରଛାତ୍ରୀଙ୍କ ପାଇଁ ପରୀକ୍ଷା ଫି ଦରକାର ପଡିବ ନାହିଁ )

୪. ଦରଖାସ୍ତ ପହଞ୍ଚିବାର ଶେଷ ତାରିଖ : ୩୦. ୦୯.୨୦୧୧

୫. ପ୍ରଥମ ପର୍ଯ୍ୟାୟର ନିର୍ବାଚିତ ପରୀକ୍ଷାର୍ଥୀଙ୍କ ପରୀକ୍ଷା ତାରିଖ-୧୫.୦୧.୨୦୧୨, ଅପରାହ୍ନ ୧.୦୦ -୪.୦୦

**ବିଶେଷ ଦ୍ରଷ୍ଟବ୍ୟ: ଗ୍ରାମ୍ୟ ମେଧା ଅନ୍ୱେଷଣ ପରୀକ୍ଷା ପାଇଁ ଦରଖାସ୍ତ ଦେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କର ପରୀକ୍ଷା ପ୍ରଥମ ପର୍ଯ୍ୟାୟରେ ହିଁ ହୋଇଥାଏ । ପ୍ରଥମ ପର୍ଯ୍ୟାୟରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀ ଙ୍କ ମଧ୍ୟରୁ ଯେଉଁମାନେ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ପାଇଁ ନିର୍ବାଚିତ ହୁଅନ୍ତି ସେମାନେ ହିଁ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷାରେ ଅଂଶ ଗ୍ରହଣ କରନ୍ତି ।**

**୨. ଆୟୋଜକ :**

ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ,ଅନ୍ଧାରୁଆ, **ଭୁବନେଶ୍ୱର - ୭୫୧ ୦୦୩ ।**

ଏହି ଅନୁଷ୍ଠାନଟି ଓଡିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ (ଚିଠି ସଂଖ୍ୟା ୩୪୮୮-ST-I-(SC)-159/98-ST) । ଗଣିତରେ ମୌଳିକ ଗବେଷଣା, ଗାଣିତିକ ମେଧା ଅନ୍ୱେଷଣ ଓ ପ୍ରଶିକ୍ଷଣ, ଓଡିଶାରେ ଗାଣିତିକ ଐତିହ୍ୟର ଅନୁସନ୍ଧାନ, ଓଡିଶାରେ ଗଣିତର ଶିକ୍ଷା ତଥା ପାଠ୍ୟକ୍ରମର ଆଧୁନିକ କରଣ ଇତ୍ୟାଦି ଏହି ଅନୁଷ୍ଠାନର ମୂଳ ଉଦ୍ଦେଶ୍ୟ ।

**୩. ଗ୍ରାମ୍ୟ ଗଣିତ ମେଧା ଅନ୍ୱେଷଣ ପରୀକ୍ଷାର ଉଦ୍ଦେଶ୍ୟ**

ଗଣିତ ଅଲମ୍ପିଆଡ ଛାତ୍ରଛାତ୍ରୀଙ୍କ ଗାଣିତିକ ପ୍ରତିଭାର ମାପକାଠି କହିଲେ କିଛି ଭୁଲ ହେବ ନାହିଁ । ଗଣିତ ଅଲମ୍ପିଆଡ ପରୀକ୍ଷାରେ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କର ଅଂଶର ସ୍ୱଳ୍ପତା ଓ ପରୀକ୍ଷାରେ ପ୍ରଦର୍ଶନ ଚିନ୍ତାର କାରଣ ଅଟେ । କାରଣ ସହରାଞ୍ଚଳର ଛାତ୍ରଛାତ୍ରୀ ମାନେ ବହୁ ସଂଖ୍ୟାରେ ଏହିସବୁ ପରୀକ୍ଷାରେ କେବଳ ଯେ ଅଂଶ ଗ୍ରହଣ କରିଥାନ୍ତି ତା ନୁହେଁ କୃତି ତାଲିକାରେ ମଧ୍ୟ ସେମାନେ ଆଧିପତ୍ୟ ବିସ୍ତାର କରିଥାନ୍ତି । **ଗ୍ରାମାଞ୍ଚଳରେ ଗାଣିତିକ ମେଧାର ଅଭାବ ଆଦୌ ନାହିଁ । ଉପଯୁକ୍ତ ପ୍ରଶିକ୍ଷଣ ଓ ପ୍ରେରଣାର ଅଭାବ ଯୋଗୁଁ ସେମାନେ ଗଣିତରେ ଆଶାନୁରୂପ ଫଳ ଦେଖାଇ ପାରୁ ନାହାନ୍ତି ।** ଏହି ପରିସ୍ଥିତିର ମୁକାବିଲା ପାଇଁ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ତରଫରୁ **ଗ୍ରାମ୍ୟ ଗଣିତ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ** ହାତକୁ ନିଆଯାଇଛି । ଭାରତ ସରକାରଙ୍କ ଅଣୁଶକ୍ତି ବିଭାଗର କାର୍ଯ୍ୟରତ ଏକ ଶାଖା ଜାତୀୟ ଉଚ୍ଚତର ଗଣିତ ପରିଷଦ (National Board for Higher Mathematics, NBHM) ସରକାରଙ୍କ ଆର୍ଥିକ ସହାୟତାରେ ୨୦୦୩ ମସିହାରୁ ଏହାକୁ କାର୍ଯ୍ୟକାରୀ କରାଯାଉଛି । **ଓଡିଶା ହେଉଛି ଏହି କାର୍ଯ୍ୟକ୍ରମ କରିବାରେ ଭାରତର ପ୍ରଥମ ରାଜ୍ୟ ।**

**୪. ଗ୍ରାମାଞ୍ଚଳ କାହାକୁ କହିବା ?**

ଯେଉଁସବୁ ରାଜସ୍ୱ ଗ୍ରାମ (Revenue village) ବିଜ୍ଞାପିତ ଅଞ୍ଚଳ (NAC), ପୌରାଞ୍ଚଳ (Municipality) ବା ମହାନଗର ନିଗମ ଅଞ୍ଚଳ (Corporation) ଅଧିନସ୍ଥ ନୁହେଁ ତାକୁ ଆମେ ଗ୍ରାମାଞ୍ଚଳ କହିବା ।

**୫. ପ୍ରଶ୍ନପତ୍ର :**

ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ଗଣିତ ଜ୍ଞାନ ଏ ପରୀକ୍ଷା ଦେବା ପାଇଁ ଯଥେଷ୍ଟ । ଏହି ପରୀକ୍ଷାର ପ୍ରଶ୍ନ ଗୁଡିକ ଶ୍ରେଣୀ ପରୀକ୍ଷାରେ ପଡୁଥିବା ପ୍ରଶ୍ନ ପରି ପାରମ୍ପରିକ ପ୍ରଶ୍ନ ନୁହେଁ । ଛାତ୍ର ଛାତ୍ରୀମାନଙ୍କ ପଢିଥିବା ଗଣିତ ବିଷୟ ଗୁଡିକ କିପରି ବୁଝିଛନ୍ତି ଓ ତାକୁ କିପରି ଦକ୍ଷତା ସହିତ ପ୍ରୟୋଗ କରିପାରୁଛନ୍ତି ଏହି ପ୍ରଶ୍ନ ଗୁଡିକ ମାଧ୍ୟମରେ ଜଣାପଡେ ।

**୬. ପରୀକ୍ଷାର ଭାଷା :** ଓଡିଆ

**୭. ପରୀକ୍ଷା କେଉଁମାନେ ଓ କିପରି ଦେଇପାରିବେ ?**

ଗ୍ରାମାଞ୍ଚଳର ସରକାରୀ ଓ ସରକାର ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ପଢୁଥିବା **ଷଷ୍ଠ ଶ୍ରେଣୀର ଯେକୌଣସି ଛାତ୍ରଛାତ୍ରୀ ଏ ପରୀକ୍ଷା ଦେଇପାରିବେ । ଏଥିପାଇଁ ଶ୍ରେଣୀ ପରୀକ୍ଷାର କୃତି ତାଲିକାରେ ରହିବାର କୌଣସି ଆବଶ୍ୟକତା ନାହିଁ ।** ମାତ୍ର ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏଥିରେ ଭାଗ ନେଇ ପାରିବେ ନାହିଁ । ଅଲିମ୍ପିଆଡ ପରୀକ୍ଷା ଗୁଡିକରୁ ଦେଖାଯାଇଛି ଯେ ଏଥିରେ କୃତିତ୍ୱ ଅର୍ଜନ କରୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଅଧିକାଂଶ ଶ୍ରେଣୀର ଭଲ ଛାତ୍ର ଭାବରେ ଗଣା ଯାଆନ୍ତି ନାହିଁ କିମ୍ବା ସେମାନେ ଶ୍ରେଣୀର କୃତି ତାଲିକାରେ ମଧ୍ୟ ନଥାନ୍ତି । **ତେଣୁ ଏହି ପରୀକ୍ଷା ଦେବା ପାଇଁ କୌଣସି ବଛା ବଛି ପରୀକ୍ଷା ନ କରିବା ପାଇଁ ପ୍ରଧାନ ଶିକ୍ଷକଙ୍କୁ ଅନୁରୋଧ ।**

ଏହି ପରୀକ୍ଷା ଦେବାକୁ ଇଚ୍ଛୁକ ଛାତ୍ରଛାତ୍ରୀ ପ୍ରତ୍ୟେକେ ୫/- ଲେଖାଏଁ ପରୀକ୍ଷା ଫି ସେମାନଙ୍କ ପ୍ରଧାନ ଶିକ୍ଷକ / ଶିକ୍ଷୟିତ୍ରୀ ପାଖରେ ଜମା ଦେବେ । **ଅନୁସୂଚିତ ଜାତି ଓ ଉପଜାତି ଛାତ୍ରଛାତ୍ରୀ ଙ୍କ ପାଇଁ ପରୀକ୍ଷା ଫି ଛାଡ କରାଯାଇଛି । ସେମାନଙ୍କ ତାଲିକା ଅଲଗା କରି ପଠାଇବେ ।** ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କୁ ଆମର ବିନୀତ ଅନୁରୋଧ ଯେ ସେମାନେ ସଂଗୃହିତ ପରୀକ୍ଷା ଫି ଓ ପରୀକ୍ଷାର୍ଥୀ ମାନଙ୍କ ତାଲିକା (ଦତ୍ତ ଫର୍ମରେ) ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ନିର୍ଦ୍ଦେଶକଙ୍କ ପାଖକୁ ପଠାଇବେ ଓ ପରୀକ୍ଷା ଫି ମନିଅର୍ଡର କରିବା ସମୟରେ ନିଜ ସ୍କୁଲର ଠିକଣା ଓ କେଉଁ ପରୀକ୍ଷା ପାଇଁ ଟଙ୍କା ପଠାଉଛନ୍ତି ନିଶ୍ଚିତ ଲେଖି ଜଣାଇବେ ।

**୮. ପରୀକ୍ଷା କେନ୍ଦ୍ର**

ଯେକୌଣସି ବିଦ୍ୟାଳୟରେ ଏହି ପରୀକ୍ଷା ଦେବା ପାଇଁ ଅତି କମରେ ୫୦ ଜଣ ପ୍ରାର୍ଥୀ ଥିବେ (ଏହା ଗୋଟିଏ ବିଦ୍ୟାଳୟର ନହୋଇ ଅନେକଟି ବିଦ୍ୟାଳୟର ମିଶି ମଧ୍ୟ ହୋଇପାରେ) ସେହି ବିଦ୍ୟାଳୟ ଏକ ପରୀକ୍ଷା କେନ୍ଦ୍ର ହେବ । ଯେଉଁ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ହେବ, ସେହି ବିଦ୍ୟାଳୟ ପରୀକ୍ଷା କରିବା ପାଇଁ ପ୍ରଶ୍ନପତ୍ର ଆମ ଅନୁଷ୍ଠାନରୁ ଗ୍ରହଣ କରିବା ପାଇଁ ଆନୁସଙ୍ଗୀକ ଖର୍ଚ୍ଚ ଅନୁଷ୍ଠାନ ତରଫରୁ ଦିଆଯିବ ମାତ୍ର ଯିବା ଆସିବା ଓ ଅନ୍ୟାନ୍ୟ ଖର୍ଚ୍ଚ ସେମାନଙ୍କୁ ବହନ କରିବାକୁ ପଡିବ ।

**୯. ପୁରସ୍କାର, ସାର୍ଟିଫିକେଟ ଓ ସ୍କଲାରଶିପ୍**

ଏହି ପରୀକ୍ଷାରେ ସଫଳତା ଲାଭ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ସମ୍ମାନିତ ଓ ପୁରସ୍କୃତ କରାଯିବ ।

**୧୦. ପ୍ରଶିକ୍ଷଣ କାର୍ଯ୍ୟକ୍ରମ**

ଏହି ପରୀକ୍ଷାରେ ସଫଳ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଦୁଇ ସପ୍ତାହ ଲେଖାଏଁ କ୍ରମାଗତ ଭାବେ ୩ ବର୍ଷ ପର୍ଯ୍ୟନ୍ତ ଗଣିତର ଉଚ୍ଚତର ତଥ୍ୟ ଓ କଠିନ ପ୍ରଶ୍ନାବଳୀ ସମାଧାନ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯିବ । ପ୍ରଶିକ୍ଷଣ ସମୟର ଛାତ୍ରଛାତ୍ରୀମାନଙ୍କ ରହିବା , ଖାଇବା ଠୁ ଆରମ୍ଭ କରି ତାଙ୍କୁ ଦିଆଯିବାକୁ ଥିବା ପୁସ୍ତକ ସମ୍ବନ୍ଧିୟ ଜାବତିୟ ଖର୍ଚ୍ଚ ଅନୁଷ୍ଠାନ ବହନ କରିବ । ସାଧାରଣତଃ ପ୍ରଶିକ୍ଷଣରେ ପଢାଯାଉଥିବା ପାଠ୍ୟକ୍ରମ ବିଦ୍ୟାଳୟର ପାଠ୍ୟକ୍ରମ ଅନୁରୂପ ନହୋଇ ଏହା ଛାତ୍ରଛାତ୍ରୀ ମାନଙ୍କର ବୌଦ୍ଧିକ ଓ ସୃଜନଶୀଳତା ବିକାଶ ଘଟାଇବାରେ ସାହାଯ୍ୟ କରିଥାଏ । ଏଥିରେ ପ୍ରଶିକ୍ଷିତ ଛାତ୍ରଛାତ୍ରୀ ଗଣିତର ଯେକୌଣସି ପରୀକ୍ଷା ଦୃଢ ଆତ୍ମ ବିଶ୍ୱାସ ଓ ସାହସ ସହ ଦେଇପାରିବେ ଏଥିରେ ଆଦୌ ସନ୍ଦେହ ନାହିଁ ।

୧୧. ତାଲିକା (**Consolidated Data Sheet** ଓ **Proforma of Application form)**
ଏବଂ ପରୀକ୍ଷା ଫି ଟଙ୍କା କାହା ପାଖକୁ ପଠାଇବେ ?

**Director, Institute of Mathematics and Applications**
**Andharua,Bhubaneswar-751003**

୧୨. ପରୀକ୍ଷା କିପରି ହେବ ?

(କ) ପରୀକ୍ଷା କେନ୍ଦ୍ରର ତତ୍ତ୍ୱାବଧାରକ (Superintendent) ପରୀକ୍ଷାର ସମ୍ପୂର୍ଣ୍ଣ ଦାୟିତ୍ୱରେ ରହିବେ ।

(i) ସଂଗୃହିତ ପରୀକ୍ଷା ଫି, ପରୀକ୍ଷାର୍ଥୀଙ୍କ ତାଲିକା ଓ ଅନ୍ୟାନ୍ୟ ଆନୁସାଙ୍ଗିକ କାଗଜ ପତ୍ର **ସେପ୍ଟମ୍ବର ୩୦** ତାରିଖ ସୁଦ୍ଧା ପ୍ରତିଷ୍ଠାନରେ ପହଞ୍ଚିବା ଦରକାର ।

(ii) ପରୀକ୍ଷା ସରିବା ସଙ୍ଗେ ସଙ୍ଗେ ବ୍ୟକ୍ତିଗତ ଭାବରେ ଆସି କିମ୍ବା ଡାକଘର ମାଧ୍ୟମରେ ପରୀକ୍ଷା ଖାତା ଗୁଡ଼ିକ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନକୁ ପଠାଇବାକୁ ହେବ । ଏଥି ପାଇଁ କେବଳ ଡାକ ଖର୍ଚ୍ଚ ଦିଆଯିବ । ଯିବା ଆସିବା ଖର୍ଚ୍ଚ ଦିଆଯାଇ ପାରିବ ନାହିଁ ।

**(ଖ) ପରୀକ୍ଷାର୍ଥୀଙ୍କ ତାଲିକା ଓ ପରୀକ୍ଷା ଫି ପାଇବା ପରେ ସେମାନଙ୍କ ପାଖକୁ ପରୀକ୍ଷା କେନ୍ଦ୍ର ଓ ଆନୁସାଙ୍ଗୀକ ଖର୍ଚ୍ଚ ପାଇଁ ଟଙ୍କା ପଠାଯିବ ।**

## ପରୀକ୍ଷା କେନ୍ଦ୍ରର ଖର୍ଚ୍ଚ

**(i) କେନ୍ଦ୍ର ତତ୍ତ୍ୱାବଧାରକ : ଟ. ୨୦୦/-**
**(ii) ସହାୟକ କେନ୍ଦ୍ର ତତ୍ତ୍ୱାବଧାରକ : ଟ. ୧୫୦/-**
**(ଯେଉଁ କେନ୍ଦ୍ରରେ ୨୦୦ ବା ତତୋଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବେ କେବଳ ସେଥିରେ ସହାୟକ ତତ୍ତ୍ୱାବଧାରକ ରହିବେ)**
**(iii) ପରୀକ୍ଷା ନିରୀକ୍ଷକ (ପ୍ରତ୍ୟେକ ୫୦ ଜଣ ପାଇଁ ଜଣେ ନିରୀକ୍ଷକ) : ଟ.୧୦୦/-**
**(iv) Contingency : ଟ. ୧୦୦/-**

**ବିଶେଷ ଦ୍ରଷ୍ଟବ୍ୟ :**

ଛାତ୍ର ତାଲିକା ପଠାଇବା ପାଇଁ ନିର୍ଦ୍ଦିଷ୍ଟ ଫର୍ମ ଆବଶ୍ୟକ ନାହିଁ , ଏଥି ସହିତ ସଂଲଗ୍ନ PROFORMA OF APPLICATION FORM ଫର୍ମାଟ୍ ରେ ହାତରେ ଲେଖି ପୂରଣ କରି ପଠାଇପାରିବେ । ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷାର୍ଥୀଙ୍କ ତାଲିକା ଆମ ନିକଟକୁ ପଠାଇବା ପାଇଁ ବିଶେଷ ଅନୁରୋଧ ।ଗ୍ରାମ୍ୟ ଗଣିତ ମେଧା ଅନ୍ୱେଷଣ ପରୀକ୍ଷା ସମ୍ବନ୍ଧିୟ ଯେକୌଣସି ବିଷୟରେ ସନ୍ଦେହ ମୋଚନ ପାଇଁ ପ୍ରଫେସର ସ୍ୱାଧୀନ ପଟ୍ଟନାୟକ ନିର୍ଦ୍ଦେଶକ, ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ କୁ (୦୬୭୪) ୨୩୮ ୬୯୭୪ ଫୋନ ନମ୍ବରରେ ଅଫିସ୍ ସମୟରେ ଯୋଗାଯୋଗ କରିପାରିବେ ।

ଆପଣଙ୍କ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ନଥିଲେ ପାଖ ସ୍କୁଲକୁ ଏହି ପୁସ୍ତିକାଟି ପଠାଇ ଦିଅନ୍ତୁ ।

# Consolidated Data Sheet

**(This sheet duly filled up should be sent to the appropriate authority)**

Name of the School with Address: ______________________________

Name and Address of the Contact Person (You are requested to write here the name of the Head of the Institute along with the names and address of the math teachers)

Name :________________

Address : ______________

______________

Pin : ________________

Phone No. (with code)

Name :________________

Address :________________

________________

Pin : ______________

Phone No. (with code)

## Details of Entry Fees

1. Number of Applicants and Fee Collected: The fee collected should be sent as a bank draft in any nationalised bank in favour of **Director, Institute of Mathematics and Applications**, payble at Bhubaneswar or through money order.

| Category | No. of Applicants | Fee Collected |
|---|---|---|
| Rural Math Olympiad | | |

2. Amount Collected and Sent = Rs.

3. Bank Draft No. / Money Order No.

**Signature**
**(The Head of the Institute)**

ଆପଣଙ୍କ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ନଥିଲେ ପାଖ ସ୍କୁଲକୁ ଏହି ପୁସ୍ତିକାଟି ପଠାଇ ଦିଅନ୍ତୁ ।

# Rural Mathematics Olympiad -2010

## PROFORMA OF APPLICATION FORM

1. Name of the Institution

2. Centre (i)__________________ (ii)__________________

   (if your school is not a centre give some choice of near by schools. In case it is not possible to make a nearby school a centre then centre for your school will be decided by us.)

3. List of the participant: Mention here against the names of student (W) in case of girl, (SC) in case of schedule cast and (ST) in case of schedule tribe students.

| Sl.No. | Name of the student | Class | Roll | Remarks |
|---|---|---|---|---|
| | | | | |
| | | | | |
| | | | | |
| | | | | |
| | | | | |
| | | | | |

- **ପରୀକ୍ଷାର୍ଥୀ ସଂଖ୍ୟା ଅଧିକ ଥିଲେ ଅନ୍ୟ କାଗଜ ଏହି ଫର୍ମରେ ବ୍ୟବହାର କରିବେ ।**
- ଆମେ ପଠାଇଥିବା କାଗଜ ମାପରେ ହିଁ ଆପଣଙ୍କ ତାଲିକା ପଠାଇବେ ।

**Signature of the Head of the Institute**

ଆପଣଙ୍କ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ନଥିଲେ ପାଖ ସ୍କୁଲକୁ ଏହି ପୁସ୍ତିକାଟି ପଠାଇ ଦିଅନ୍ତୁ ।



**BOOK POST**

Printed Matter

To

The Headmaster/Headmistress

School:

At /:

P.O.:

Via:

Dist:

PIN:

From:

Institute of Mathematics
and Applications,
Andharua
Bhubaneswar-751003